
JioMart.com
PRESENTS
JioMart
ଫେଷ୍ଟିଭାଲ୍ ସେଲ୍
1st - 8th NOV
www.jiomart.com
ଡାଉନଲୋଡ୍ କରନ୍ତୁ ଜିଓମାର୍ଟ ଆପ୍ ବର୍ତ୍ତମାନ୍
ଅଫରସ ମଧ୍ୟ ଏଠାରେ ଉପଲବ୍ଧ
SMART SUPERSTORE
Reliance fresh
ସ୍ୱିଟ୍ସ
50% ଛାଡ଼
ବିକାଜୀ 450 g ତେଣିକି (ସୋନପାପଡ଼ୀ / ରସଗୁଲା / ଗୁଲାବ ଜାମୁନ) MRP ₹159 ତେଣିକି ଆମ ମୂଲ୍ୟ ₹80 ତେଣିକି
ଭିଖାରାମ ଚଣ୍ଡମାଲ 400 g ତେଣିକି (ସୋନପାପଡ଼ୀ / ବେସନ ଲଡ୍ଡୁ) MRP ₹139 ତେଣିକି ଆମ ମୂଲ୍ୟ ₹70 ତେଣିକି
ହଳଦୀରାମ ପ୍ରଭୁଜୀ 336 g ତେଣିକି (ସୋନପାପଡ଼ୀ / ବେସନ ଲଡ୍ଡୁ) MRP ₹149 ତେଣିକି ଆମ ମୂଲ୍ୟ ₹75 ତେଣିକି
ସ୍ନାକ୍ଟ୍ୟାକ୍ 336 g ତେଣିକି (ସୋନପାପଡ଼ୀ / ବେସନ ଲଡ୍ଡୁ) MRP ₹139 ତେଣିକି ଆମ ମୂଲ୍ୟ ₹70 ତେଣିକି
ଡ୍ରାୟ ଫ୍ରୁଟସ
50% ଛାଡ଼
ଓଣ୍ଡରଲ୍ୟାଣ୍ଡ ଗିଫ୍ଟ ପ୍ୟାକ୍ 300 g ତେଣିକି MRP ₹530 ତେଣିକି ଆମ ମୂଲ୍ୟ ₹265 ତେଣିକି
ଉତ୍ସବ ଡ୍ରାୟ ଫ୍ରୁଟସ ଗିଫ୍ଟ ପ୍ୟାକ୍ 225 g ତେଣିକି MRP ₹475 ତେଣିକି ଆମ ମୂଲ୍ୟ ₹238 ତେଣିକି
₹399 ଗୁଡ଼ ଲାଇଫ୍ ପୋଟଳି ପ୍ୟାକ୍ 400 g MRP ₹499 ସଞ୍ଚୟ ₹100
ଚକୋଲେଟ୍
20% ଛାଡ଼ - 33% ଛାଡ଼
କାଡ଼ବରୀ ସେଲିବ୍ରେଶନ୍ସ/ ମଞ୍ଚ/ ନେଷ୍ଟଲେ କିଟ୍ କ୍ୟାଟ୍ / କାର୍ଡ଼ବରୀ ଡାଏରୀ ମିଲ୍କ / ପର୍କ / ଫାଇଭ୍ ଷ୍ଟାର ହୋମ୍ ପ୍ୟାକ୍ 126 g ତେଣିକି MRP ₹99 ତେଣିକି
ସଫୋଲା ଆକ୍ଟିଭ୍ ତେଲ 5 ℓ + କୋହିନୂର ଚାର୍ମିନାର ବାସମତୀ ରାଇସ୍ 5 kg
Combined MRP ₹1274 ସଞ୍ଚୟ ₹395
ଆମ ମୂଲ୍ୟ ₹879
ଫର୍ଚୁନ୍ ସୁଗାର 5 kg
MRP ₹300 ସଞ୍ଚୟ ₹91
ଆମ ମୂଲ୍ୟ ₹209
ଆଶୀର୍ବାଦ ହୋଲ୍ ହ୍ୱିଟ୍ ଅଟା 5 kg
MRP ₹208 ସଞ୍ଚୟ ₹23
ଆମ ମୂଲ୍ୟ ₹185
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
MRP ₹449 / ₹499 ସଞ୍ଚୟ ₹134 / ₹100
ଆମ ମୂଲ୍ୟ ₹315 / ₹399
ଗୁଡ଼ ଲାଇଫ୍ ର' ପିନଟ୍ସ 500 g
MRP ₹100 ସଞ୍ଚୟ ₹19
ଆମ ମୂଲ୍ୟ ₹81
ବେସନ/ ମଇଦା/ ସୁଜି ରାୱା 500 g / 1 kg
MRP ₹40 ତେଣିକି ଆମ ମୂଲ୍ୟ ₹20 ତେଣିକି
50% ଛାଡ଼
ହୋଲ୍ ସ୍ପାଇସ୍ (ସମଗ୍ର ରେଞ୍ଜ)
33%* ଛାଡ଼
*On MRP
ଓମ୍ଫେଡ୍ ଘିଅ 1 ℓ
MRP ₹605 ସଞ୍ଚୟ ₹40
ଆମ ମୂଲ୍ୟ ₹565
ବ୍ରିଟାନିଆ/ ପାର୍ଲେ ରସ୍କ 200 g / 273 g / 400 g
MRP ₹30 ତେଣିକି ଆମ ମୂଲ୍ୟ ₹23 ତେଣିକି
Minimum 25% ଛାଡ଼
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹60 ତେଣିକି ଆମ ମୂଲ୍ୟ ₹40 ତେଣିକି
33% ଛାଡ଼
କେଲୋଗସ କର୍ନ୍ ଫ୍ଲେକ୍ସ 1.2 kg
MRP ₹425 ଆମ ମୂଲ୍ୟ ₹299
ସଞ୍ଚୟ ₹126
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା' 500 g
MRP ₹220 ସଞ୍ଚୟ ₹185
ସଞ୍ଚୟ ₹35
ସ୍ପ୍ରାଇଟ୍ / ଥମ୍ସ ଅପ୍ 750 ml
MRP ₹40 ଆମ ମୂଲ୍ୟ ₹30
25% ଛାଡ଼
ଲକ୍ସ ସଫ୍ଟ ଟଚ୍/ ଲକ୍ସ ଭେଲଭେଟ୍ ଟଚ୍ /ସନ୍ତୁର ହ୍ୱାଇଟ୍ ସୋପ୍ ମଲ୍ଟିପ୍ୟାକ୍ 150 g x 3 ୟୁନିଟ୍ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹114 ତେଣିକି ଆମ ମୂଲ୍ୟ ₹76 ତେଣିକି
33% ଛାଡ଼
ସନସିଲ୍କ/ କ୍ଲିନିକ୍ ପ୍ଲସ୍ / ପ୍ୟାଣ୍ଟିନ୍/ ହେଡ୍ ଆଣ୍ଡ ସୋଲ୍ଡର୍ସ/ ଲୋରିଅଲ୍ ପ୍ୟାରିସ୍ ଶାମ୍ପୁ 340 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹150 ତେଣିକି ଆମ ମୂଲ୍ୟ ₹100 ତେଣିକି
33% ଛାଡ଼
ମେନସ ଆଣ୍ଡ ଓମେନ୍ସ ଡିଓ 120 ml ତେଣିକି (କିଲେକ୍ ପ୍ୟାକ୍)
MRP ₹200 ତେଣିକି ଆମ ମୂଲ୍ୟ ₹100 ତେଣିକି
50% ଛାଡ଼
ସର୍ଫ ଏକ୍ସେଲ ମେଟିକ୍ ଡିଟରଜେଣ୍ଟ ପାଉଡ଼ର 4 kg + 2 kg ଫ୍ରୀ (କିଟେଡ୍) (ଟପ୍/ ଫ୍ରଣ୍ଟ ଲୋଡ୍)
MRP ₹999 ତେଣିକି ଆମ ମୂଲ୍ୟ ₹774 ତେଣିକି
ସଞ୍ଚୟ ₹225
ଟି ଲାଇଟ୍ କ୍ୟାଣ୍ଡଲ (ପ୍ୟାକ୍ ଅଫ୍ 30)/ ମଲ୍ଟି କଲର ଦିୱାଲୀ ଏଲଇଡ଼ି ଲାଇଟ୍ 12 ମିଟର (48 ଲ୍ୟାମ୍ପସ)
MRP ₹150 / ₹199 ସଞ୍ଚୟ ₹71 / ₹100
ଆମ ମୂଲ୍ୟ ₹79 / ₹99
HDFC BANK
FESTIVE TREATS
10% CashBack on HDFC Bank Debit & Credit cards
Max cashback ₹1500
Minimum order amount ₹1,000 | Valid on Groceries only.
Valid from 1st - 8th Nov. 2020
*T&C Apply
PhonePe
upto ₹500 CASHBACK*
Minimum Order ₹499 & Above | Valid Once per user
Valid from 1st to 8th Nov.2020 | Valid on groceries only |
T&C Apply
Paytm
Pay using Paytm UPI & Get upto ₹750 CASHBACK*
Min. Txn Value of ₹799
Valid Once per user | Valid on groceries only |
Valid from 1st to 8th Nov.2020 | T&C Apply
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ ଉପରେ ବୈଧ । ଅଫରଗୁଡ଼ିକ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ କୌଣସି ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଉତ୍ପାଦର ଚିତ୍ର / ଫଟୋଗ୍ରାଫସ କେବଳ ଚିତ୍ରଣ ନିମନ୍ତେ । ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ କର ସାମିଲ ଅଟେ । ସମସ୍ତ ଅଫର୍ 8 ନଭେମ୍ବର 2020 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବଇ ସ୍ଥିତ ସ୍ୱତନ୍ତ୍ର ନ୍ୟାୟାଳୟର ବିଚାରାଧିନ ଅଟେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା କୁଣ୍ଡପାଟଣା ଗ୍ରାମ ନିକଟରୁ ପୋଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ରାଖିପାଟଣା ଗ୍ରାମର ରାକେଶ ନାୟକ। ବ୍ରାହ୍ମଣୀ ନଦୀର କୁଣ୍ଡପାଟଣା ନିକଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଚାଲାଣ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଥିଲା। ଅଭିଯୋଗ ଆଧାରରେ ଧର୍ମଶାଳା ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ରାକେଶ ବାଲି ନେଇ ଯାଉଥିବାବେଳେ ପୋଲିସ ହାତରେ ଧରା ପଡ଼ିଥିଲେ।

# ସଂକ୍ଷେପରେ

## ଥାନା ଘେରାଉ ପରେ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ପଟ୍ଟାମୁଣ୍ଡାଇ, ୩୧।୧୦(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା କଖାରୁଣୀ ହରିଜନ ବସ୍ତିରେ ଗତ ୨୭ ତାରିଖରେ ପଦ୍ମଲୋଚନ ମଲିକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି କେଉଁଆଡେ ଫେରାର ହୋଇଯାଇଥିଲେ। ଏ ନେଇ ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪୦୯/୨୦) ରୁଜୁ କରିଥିଲା। ହେଲେ ଘଟଣାର ୪ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିଲା। ଏହାର ପ୍ରତିବାଦରେ ଶନିବାର ଗ୍ରାମର ଶତାଧିକ ମହିଳାପୁରୁଷ ଥାନା ଘେରାଉ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ପଦ୍ମଲୋଚନ ଗ୍ରାମରେ ବାରମ୍ବାର ଅପରାଧମୂଳକ କାର୍ଯ୍ୟ କରୁଥିଲେ ମଧ ପୋଲିସ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ମୁଖ୍ୟ ଅଭିଯୁକ୍ତଙ୍କ ସହ ତାଙ୍କ ସହଯୋଗୀଙ୍କୁ ଗିରଫ ଦାବିରେ ସେମାନେ ଆନ୍ଦୋଳନ କରିଥିବା କହିଥିଲେ। ଶେଷରେ ପୋଲିସ ଅପରାହ୍ନରେ ତାଙ୍କ ଗ୍ରାମରେ ଚଢ଼ାଉ କରି ପଦ୍ମଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାସହ ଅନ୍ୟ ସହଯୋଗୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିଲେ।

## ସିଂହପୁରରେ ବଳିଦାନ ଦିବସ ପାଳିତ

**ସିଂହପୁର,୩୧।୧୦(ଡି.ଏନ.ଏ.):** ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୬ତମ ବଳିଦାନ ଦିବସ ସିଂହପୁର ଜରି ମଧସ୍ଥଳ ନାଉବାଙ୍କ ଛକଠାରେ କରୋନା କଟକଣା ମଧ୍ୟରେ ଶନିବାର ପାଳିତ ହୋଇଯାଇଛି। ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ସଭାପତି ସୁଦାମ ଚରଣ ସାମଲ, ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ଜରି ସରପଞ୍ଚ ସ୍ୱପ୍ନା ମଞ୍ଜରୀ ଲେଙ୍କା, ସମିତିସଭ୍ୟ ଭୁବନାନନ୍ଦ ସାମଲ, ଯୁବ କଂଗ୍ରେସ ପ୍ରାକ୍ତନ ବ୍ଲକ ସଭାପତି ମନୋଜ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗାନ୍ଧୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ, ଇନ୍ଦିରା ଗାନ୍ଧୀ ସାମ୍ପ୍ରଦାୟିକ ବିରୋଧରେ ଲଢ଼େଇ କରୁଥିଲେ। ରାଜରାଜୁଡ଼ା ପାଣ୍ଠି ଉଚ୍ଛେଦ କରି ଗରିବ ବୃଦ୍ଧାବୃଦ୍ଧଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଆରମ୍ଭ କରିଥିଲେ। ବ୍ୟାଙ୍କ ଜାତୀୟ କରଣ ଓ ଗରିବ ହଟାଓ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶନ୍ନ ନାୟକ, ଭାଗୀରଥି ସାମଲ, ପ୍ରତାପ ଜେନା, ଜୟରାମ ମଲିକ, ଦଶରଥ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀଧର ମଲିକ ଧନ୍ୟବାଦ ଦେଇଥିଲେ।

## ନୀଳମାଧବ ପୀଠରେ କାର୍ତ୍ତିକ ବ୍ରତ ଆରମ୍ଭ

**ଖଣ୍ଡପଡ଼ା,୩୧।୧୦(ସ୍ୱ.ପ୍ର.):** ଶନିବାରଠାରୁ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ କାର୍ତ୍ତିକ ବ୍ରତ ନୀତି ଆରମ୍ଭ ହୋଇଛି। ଏଥିପାଇଁ ସକାଳୁ ମନ୍ଦିରରେ ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ହୋଇଥିଲା। କାର୍ତ୍ତିକ ମାସ ପାଇଁ ଠାକୁରଙ୍କ ସ୍ୱତନ୍ତ୍ର ନୀତି କରାଯାଉଛି। ଏହି ଅବସରରେ ଶ୍ରୀ ଜୀଉଙ୍କ ଦାମୋଦର ବେଶ ଅନୁଷ୍ଠିତ ହେଉଛି। ଏହି ବେଶ ୧ ମାସ ପର୍ଯ୍ୟନ୍ତ ହେବ। ଅବକାଶ ନୀତି ପରେ ଶ୍ରୀ ଜୀଉ ଦାମୋଦର ବେଶ ହୋଇଥାନ୍ତି। ବେଶ ପରେ ମନ୍ଦିର ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାର ପାଳ ପୂଜା ପରେ ସକାଳ ଧୂପ ଆଦି ନୀତି ଅନୁଷ୍ଠିତ ହେଉଛି। ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥିବାରୁ ବିଭିନ୍ନ ଶୈବ ପୀଠରେ ପୂଜାର୍ଚ୍ଚନା କରୁଛନ୍ତି।

## ରାସ୍ତା ଧସିଲା, ଭାରିଯାନ ଚଳାଚଳ ବନ୍ଦ

**ରାଜନଗର, ୩୧।୧୦(ଡି.ଏନ.ଏ.):** ମଦନପୁର-ଗୋପାଳପୁର ରାସ୍ତାର ଛମାଣିଆ ଛକ ନିକଟରେ ଶନିବାର ପ୍ରାୟ ୫୦ ଫୁଟ ପିଚୁ ରାସ୍ତା ଧସେଇ ପଡିଛି। ରାସ୍ତା ଫାଟି ଆଁ କରିଥିବା ବେଳେ ପାର୍ଶ୍ୱରୁ ପିଚୁ ସହ ମାଟି ତଳକୁ ଖସିପଡିଛି। ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ରାସ୍ତାରେ ବାଇକ୍ ଓ କାର୍‌କୁ ବାଦ ଦେଲେ ଅନ୍ୟ ଗାଡି ଚଳାଚଳ ବନ୍ଦ ରହିଛି। ୫ ବର୍ଷ ତଳୁ ରାସ୍ତାଟି ନିର୍ମାଣ ହୋଇଥିବା ବେଳେ ହଠାତ୍ ଏଭଳି ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଖବର ପାଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା ଓ କନିଷ୍ଠଯନ୍ତ୍ରୀ ଦେବାଶିଷ ସାମଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନେତା, ମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

**ଜଗତ୍‌ସିଂହପୁର ଅଫିସ/ରଘୁନାଥପୁର/ବିରିଡ଼ି/ବାଲିଆ/ତିର୍ତ୍ତୋଲ (ଡି.ଏନ୍.ଏ.)୩୧।୧୦**

### ତିର୍ତ୍ତୋଲ ଉପନିର୍ବାଚନ

ତିର୍ତ୍ତୋଲ ଉପନିର୍ବାଚନ ପ୍ରଚାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ରବିବାର ସନ୍ଧ୍ୟା ୬ଟାସୁଦ୍ଧା ପ୍ରଚାର ଶେଷହେବ। ମତଦାତାଙ୍କୁ ଆକର୍ଷିତ କରି ଭୋଟକୁ ସୁରକ୍ଷିତ ରଖିବା ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ନେତୃତ୍ୱମଣ୍ଡଳୀ ଉଦ୍ୟମ ଚଳାଇଛନ୍ତି। ପଞ୍ଚାୟତ ଓ ଗାଁସ୍ତରରେ ନେତାଙ୍କୁ ସମ୍ବଳ କରି ପ୍ରାର୍ଥୀ ଓ ଦଳୀୟ ନେତୃତ୍ୱ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଦଳରେ ଯେପରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ନ ହୁଏ ସେଥିପ୍ରତି ପ୍ରାର୍ଥୀମାନେ ଦାୟିତ୍ୱବାନ ରହିଛନ୍ତି। ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏନେଇ ରାଜ୍ୟର ବହୁ ସଂଖ୍ୟକ ଦଳୀୟ ନେତା ପହଞ୍ଚି ମାରାଥନ ପ୍ରଚାର କରୁଛନ୍ତି।

## ଭାଜପା,ବିଜେଡି ପ୍ରାର୍ଥୀଙ୍କୁ ରଞ୍ଜୀବଙ୍କ କଟାକ୍ଷ

କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦଳୀୟ ନେତୃତ୍ୱ ଦମ୍ ଲଗାଇଛନ୍ତି। ଏପରି କି ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ କଟାକ୍ଷ କରିବାକୁ ପଛାଇ ନାହାନ୍ତି। ସେ ତିର୍ତ୍ତୋଲ ବ୍ଲକ ଗରାମରେ ଏକ ବୈଠକରେ ଯୋଗଦେଇ ଉଭୟ ଦଳକୁ ସମାଲୋଚନା କରିଥିଲେ। ନିର୍ବାଚନ ପରେ ଡେରା ପକାଇଥିବା ତୁଙ୍ଗ ନେତାଙ୍କ ଆଉ ଦେଖା ମିଳିବେ ନାହିଁ। କିନ୍ତୁ କଂଗ୍ରେସ ପ୍ରାର୍ଥୀ ସବୁବେଳେ ସାଥିରେ ରହିବେ ବୋଲି ବିଶ୍ୱାଳ କହିଥିଲେ। ଏହା ପୂର୍ବରୁ ବିଶ୍ୱାଳଙ୍କ ସହ ବିଧାୟକ ସୁରେଶ ରାଉତରାୟ, ସତ୍ୟପ୍ରକାଶ ନାୟକ, ତିର୍ତ୍ତୋଲ ବ୍ଲକ ସଭାପତି ଅକ୍ଷୟ ଦାସ, ପର୍ଯ୍ୟବେକ୍ଷକ ନଳିନୀକାନ୍ତ ସ୍ୱାଇଁ, ଦେବାଶିଷ ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ଓ ପ୍ରାର୍ଥୀ ମଲ୍ଲିକ ୪ ପଞ୍ଚାୟତ ପରିକ୍ରମା କରିଥିଲେ। ସେମାନେ ଜଗନ୍ନାଥପୁର ପଞ୍ଚାୟତରୁ ବାଇକ୍ ଶୋଭାଯାତ୍ରାରେ ଇବ୍ରିସିଂ, ଗରାମ ଓ ତୁଳଙ୍ଗ ଯାଇଥିଲେ। ସେହିପରି ବିରିଡ଼ି ବ୍ଲକ ଅଧୀନ ବଡିମୀରା ପଞ୍ଚାୟତରେ ବରିଷ୍ଠ ନେତା ଭାଗ୍ୟଧର ଜେନାଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବନ୍ଦିତା ପରିଡ଼ାଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ।



କଂଗ୍ରେସ ବୈଠକରେ ଯୋଗ ଦେଇଥିବା ବରିଷ୍ଠ ନେତା।

## ଅଣ୍ଟା ଭିଡ଼ିଲେ ଅପରାଜିତା, ପିଙ୍କି, ବିରୋଧୀ ଦଳ ନେତା

ଭାଜପା ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ଜିତାଇବା ପାଇଁ ଦଳୀୟ ନେତୃତ୍ୱ ଦମ୍ ଲଗାଇ ଦେଇଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁଣି ଜଗତ୍‌ସିଂହପୁର ଗସ୍ତ କରିଛନ୍ତି। ସେ ତିର୍ତ୍ତୋଲ, ତର୍ଜଙ୍ଗ(କୋଟକଣା ଛକ), ଶାରଳା ମନ୍ଦିର, କୋଷ୍ଠି ମଲ୍ଲିକାପୁର, ଗରାମ ପଞ୍ଚାୟତର ତୁରୁଖ, ଭଗବତୀ ଠାକୁରାଣୀ, ତୁଳଙ୍ଗ ଇନ୍ଦିରା ଛକ, ଦିଗି ଛକ, ନରୁଆ ଛକ, ଇବ୍ରିସିଂହ ଛକ (ବଡ ମଠ), ସାଗବାରିଆ ଗାଁ, ନେହେରୁ ଯୁବକ ସଙ୍ଘ ଓ ଭାଜପା କାର୍ଯ୍ୟାଳୟ ଦେଇ ପୁରୀ ଜେନା ଛକ ପର୍ଯ୍ୟନ୍ତ ରୋଡ୍ ଶୋ କରିଥିଲେ। ରଘୁନାଥପୁର ବଜାରରେ ଚାଲିଚାଲି ରାଜକିଶୋରଙ୍କୁ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏଥିରେ ଜିଲା ଓ ବ୍ଲକସ୍ତରର କର୍ମକର୍ତ୍ତା ସାମିଲ ହୋଇଥିଲେ। ବିରୋଧୀଦଳ ନେତା ପ୍ରଦୀପ୍ତ ନାୟକ ଓ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟା ପିଙ୍କି ପ୍ରଧାନ ବିରିଡ଼ି ବ୍ଲକ ଅଡଙ୍ଗ ମଜୁରାଇ, ଅଡଙ୍ଗଗଡ଼, ଉତ୍ତରଶାସନ, ଦରଡା, ଶଙ୍ଖପୁର ଆଦି ଅଞ୍ଚଳରେ ରୋଡ୍ ଶୋ' କରିଥିଲେ। ଏଥିରେ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ପ୍ରଭାରୀ ଦିଲୀପ ମଲିକ, ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ମହିଳା ନେତ୍ରୀ ଗୀତାଞ୍ଜଳି ସାହୁ ଓ ଶିଶିର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



ଦଳୀୟ ପ୍ରାର୍ଥୀଙ୍କ ସହ ଅପରାଜିତା ରୋଡ୍ ଶୋ' କରୁଛନ୍ତି।

## ସଞ୍ଜୀୟ, ଦେବାଶିଷ, ରାଜଶ୍ରୀଙ୍କ ରୋଡ୍ ଶୋ'

ବିଜେଡି ପକ୍ଷରୁ ପ୍ରଚାରକୁ ଅଧିକ ଶାଣିତ କରାଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଦେବାଶିଷ ସାମନ୍ତରାୟ ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ରୋଡ୍ ଶୋରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀ ବିଜୟଶଙ୍କର ଦାସଙ୍କ ପାଇଁ ପ୍ରଚାର କରିଛନ୍ତି। ପ୍ରଥମେ ସେମାନେ ଜଇପୁରରୁ ବାହାରି ଛପଡ଼ା ଦେଇ ପୁରୁଣା ବସନ୍ତ, ରେତୁଆ, ଗୁଆଳିପୁର ଦେଇ ରଘୁନାଥପୁର ବଜାର ପର୍ଯ୍ୟନ୍ତ ଯାଇଥିଲେ। ପରେ ରାଢଙ୍ଗ ଅଭିମୁଖେ ଯାତ୍ରା କରିଥିଲେ। ରାଲିରେ ଦଳୀୟ କର୍ମୀ ପ୍ରାର୍ଥୀ ବିଜୟ ଶଙ୍କରଙ୍କୁ ବିଭିନ୍ନ ପଞ୍ଚାୟତକୁ ନେଇ ସପକ୍ଷୟରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଯୁବକ ଓ ମହିଳା ସାମିଲ ହୋଇଥିଲେ। ସେହିପରି ମନ୍ତ୍ରୀ ଅରୁଣ ସାହୁ, କୁନା ତ୍ରିପାଠୀ, ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ବିରିଡ଼ି ବ୍ଲକର ଶଙ୍ଖପୁର ଓ ଶିବପୁର ପଞ୍ଚାୟତରେ କର୍ମୀ ସମ୍ମିଳନୀ କରିଥିଲେ।



ବିଜେଡି ପ୍ରାର୍ଥୀଙ୍କ ସହ ଦଳୀୟ ନେତା ଓ କର୍ମୀ ପ୍ରଚାର କରୁଛନ୍ତି।

## ଜିଲା ସଂଖ୍ୟାଲଘୁ ସେଲ୍ ଉପସଭାପତିଙ୍କ ପ୍ରସ୍ତାବକୁ ଅଣଦେଖା

**ତିର୍ତ୍ତୋଲ,୩୧।୧୦ (ଡି.ଏନ.ଏ.)**

ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଦଳ ଜିଲା ସଂଖ୍ୟା ଲଘୁ ସେଲ ଉପସଭାପତି ମୋଜାମିଲ ଖାଁଙ୍କୁ ଅଣଦେଖା କରାଯାଇଛି। ଏନେଇ ସେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଇବ୍ରିସିଂ ପଞ୍ଚାୟତ ଗାଈଦଣ୍ଡାରେ ଭାଜପା କର୍ମୀ ସମାବେଶ ହୋଇଥିଲା। ଏହି ସମୟରେ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମୋଜାମିଲ କେତେଗୁଡିଏ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହାକୁ ନେତୃମଣ୍ଡଳୀ ଗ୍ରହଣ କରି ନ ଥିଲେ ବୋଲି ସେ ନିର୍ବାଚନ ଦାୟିତ୍ୱରେ ଥିବା ନେତାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ମନୋଭାବ ନ ବଦଳିଲେ ଆଗାମୀ ଦିନରେ ସେ ଦଳରୁ ଇସ୍ତଫା ଦେବେ ବୋଲି ପ୍ରକାଶ କରିଛନ୍ତି।

# ଫ୍ଲାଇଂ ସ୍କ୍ୱାଡ୍‌କୁ ଦୁର୍ବ୍ୟବହାର: ୬ ଗିରଫ

**ଜଗତ୍‌ସିଂହପୁର ଅଫିସ, ୩୧।୧୦**

ବିରିଡ଼ି ବ୍ଲକ ଉତ୍ତରଶାସନ ଗ୍ରାମର ମହାବୀର ମନ୍ଦିର ନିକଟରେ ଅତିରିକ୍ତ ତହସିଲଦାର ତଥା ଫ୍ଲାଇଂ ସ୍କ୍ୱାଡ୍ ଦଳ୩ ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ ଓ ଜଣେ ମହିଳା କନେଷ୍ଟବଳଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଶନିବାର ୬ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ୨ ନାବଳକଙ୍କୁ ଧରି ତାଗିଦ୍ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ବେହେରା, ପଦ୍ମଲୋଚନ ସାହୁ, ରାଜେଶ ସାହୁ, କୃଷ୍ଣଚନ୍ଦ୍ର ସାହୁ, ମନୋଜ ବେହେରା ଓ ସୌମ୍ୟରଞ୍ଜନ ବେହେରା। ମହାବୀର ମନ୍ଦିର ନିକଟରେ କୋଭିଡ୍ ମାର୍ଗଦର୍ଶିକା ଓ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ଶତାଧିକ ବ୍ୟକ୍ତି ଭୋଜି ଓ ମଦ୍ୟପାନ କରୁଥିବା ଜିଲା ନିର୍ବାଚନ ଅଭିଯୋଗ ନିୟନ୍ତ୍ରଣ କକ୍ଷରେ ଅଭିଯୋଗ ହୋଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ଦଳ-୩ ଭାରପ୍ରାପ୍ତ ଅଧିକାରୀ ସେଠୀ ସଦଳବଳ ପହଞ୍ଚି ଏକାଠି ହୋଇଥିବା ଲୋକଙ୍କୁ ତୁରନ୍ତ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ଅଭିଯୁକ୍ତମାନେ ପ୍ରତିକ୍ରିୟାଶୀଳ ହୋଇ ଫ୍ଲାଇଂ ସ୍କ୍ୱାଡ୍‌ର ସଦସ୍ୟଙ୍କୁ ଅପମାନିତ କରିବା ସହ ପାଖରେ ଥିବା କ୍ୟାମେରା ଛଡ଼ାଇ ନେଇଥିଲେ। ଭିଡିଓ ରେକର୍ଡିଂ ଉଡ଼େଇ ଦେବାକୁ ବାଧ୍ୟ କରିଥିଲେ। ଏନେଇ ବିରିଡ଼ି ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ମାମଲା (ନଂ.୧୮୮/୨୦)ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏହାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ମିଶ୍ର ଓ ଏସ୍‌ପି ପ୍ରକାଶ ଆର୍ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

**ବିଞ୍ଝାରପୁର/ସିଂହପୁର, ୩୧।୧୦(ଡି.ଏନ.ଏ):**

### ନିର୍ବନ୍ଧ ପୂର୍ବଦିନ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- ଏସଡିପିଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ ଗ୍ରାମବାସୀ

ନିର୍ବନ୍ଧ ପୂର୍ବଦିନ ରାତିରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ତାଙ୍କ ମା'ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରିଥିଲେ ମଧ୍ୟ ଚୁପ୍ ବସିଛି। ତେବେ ସିଥିଳ ତଦନ୍ତ ପ୍ରକ୍ରିୟାକୁ ନେଇ ମୃତକଙ୍କ ପରିବାର ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ତୁରନ୍ତ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଥାନା ଘେରାଉ କରିଥିଲେ। ଏପରି କି ନ୍ୟାୟ ନ ମିଳିଲେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଧାରଣା ଦେବେ ବୋଲି ଚେତବନୀ ଦେଇଥିଲେ। ଏସ୍‌ଡିପିଓ ନାରାୟଣ ବାରିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇବାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ସୂଚନା ଅନୁସାରେ, ଆଳିଥାନା ପରମାନନ୍ଦପୁର ଗ୍ରାମର ସାବିତ୍ରୀ ନାୟକଙ୍କ ପୁଅ ବିଶ୍ୱଜିତ୍(୩୨)ଙ୍କ ବିଞ୍ଝାରପୁର ଥାନା କଣ୍ଟିପୁର ଗ୍ରାମରେ ବିବାହ ସ୍ଥିର ହୋଇଥିଲା। ତେଣୁ ଗତ ୧୮ ତାରିଖରେ ନିର୍ବନ୍ଧ ହେବାର ଥିଲା। ଏହାର ପୂର୍ବଦିନ ଅର୍ଥାତ୍ ୧୭ ତାରିଖରେ ବିଶ୍ୱଜିତ୍ ବନ୍ଧୁବାନ୍ଧବଙ୍କ ନିକଟକୁ ଯାଇ ନିର୍ବନ୍ଧରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଏଥିସହିତ ସମ୍ପର୍କୀୟ ଦାଦା ବିଞ୍ଝାରପୁର ଥାନା ସୁନ୍ଦରପୁର ଗ୍ରାମର ବିଜୟ ନାୟକଙ୍କ ଘରକୁ ମଧ୍ୟ ସନ୍ଧ୍ୟାରେ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ପରେ ତରବରିଆ ଭାବେ ବିଶ୍ୱଜିତଙ୍କ ମୃତଦେହ ସତ୍କାର କରି ଦିଆଯାଇଥିଲା। ଘଟଣାର ୯ ଦିନ ପରେ ବିଶ୍ୱଜିତଙ୍କ ମା' ଏହାକୁ ହତ୍ୟା ଘଟଣା ଦର୍ଶାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୩୩୩/୨୦) ରୁଜୁ କରିଥିଲା। ଏ ସମ୍ପର୍କରେ ଏସ୍‌ଆଇ ଭାଗ୍ୟଶ୍ରୀ ବେହେରା କହିଛନ୍ତି, ଘଟଣାର ତଦନ୍ତ ଚାଲୁ ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧାନ ଫସଲ ଉଜାଡୁଛନ୍ତି ବାର୍‌ହା

**ନୟାଗଡ଼ ଅଫିସ,୩୧।୧୦**

ନୟାଗଡ଼ ବନଖଣ୍ଡର ପାହାଡ଼ିଆ ଅଞ୍ଚଳ ନିକଟ ଗହୀର ବିଲରେ ବାର୍‌ହାଙ୍କ ଉତ୍ପାତ ବଢ଼ିଚାଲିଛି। ପଲ ପଲ ବାର୍‌ହା ଧାନ ଫସଲ ଉଜାଡିବାରେ ଲାଗିଛନ୍ତି। ଚାଷୀଙ୍କ ଫସଲ ନଷ୍ଟ ହେଉଥିଲେ ମଧ୍ୟ କ୍ଷତିପୂରଣ ପାଉନାହାନ୍ତି। ଗଣିଆ ବନାଞ୍ଚଳର ଆଡକଟା, କରଡାପଡ଼ା, ବେଲପଡ଼ା, ରାସଙ୍ଗ, କାଦୁଆ, ହଟିଆପଲ୍ଲି, ଓସ୍ତିଆ, ଡଙ୍କାରସାହି, ଛାଡମୂଳ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର କୁମ୍ଭୀରଖଣି, ରାଜିଙ୍ଗି, ମହନପଦା, ରାଇଗିଡିଆ, ଗୋପୀନାଥପୁର, ଛାମୁଣ୍ଡିଆ, ହରିପୁର, ବେଠିଆସାହି, ବଡମୂଳ ଅଞ୍ଚଳରେ ବାର୍‌ହା ଉତ୍ପାତ ଲାଗିରହିଛି। ନୟାଗଡ଼ ବ୍ଲକର ବଉଳସାହି, ଡମସାହି, ମାଳିସାହି, ଓଡଗାଁ ବ୍ଲକର ହରିଡାବନ୍ଧ ଜଙ୍ଗଲିଆ ଅଞ୍ଚଳ ଜମିରେ ବାର୍‌ହାପଲ ଫସଲ ଉଜାଡୁଛନ୍ତି। ମହାନଦୀ ବନ୍ୟପ୍ରାଣୀ ପଶ୍ଚିମାଞ୍ଚଳ ରେଞ୍ଜର ବାଣିଗୋଛା, ଟାକେରା ଅଞ୍ଚଳରେ ବାର୍‌ହା ଧାନଫସଲ ନଷ୍ଟ କରୁଛନ୍ତି।

ଗଣିଆ ହରିପୁରର ଭାଗଚାଷୀ ମାଗୁଣି ଦାସ, ଈଶ୍ୱରପୁରର ରମେଶ ନାୟକ କୁହନ୍ତି, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଗହୀରରେ ବାର୍‌ହା ଧାନ ଫସଲ ଉଜାଡି ଚାଲିଛନ୍ତି। ଅଭିଯୋଗ କଲା ପରେ ଯାହା କ୍ଷତିପୂରଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ସରକାର ଚାଷୀର କ୍ଷତିକୁ ଦେଖି ସହାୟତା ଦେବା ଆବଶ୍ୟକ। ଓସ୍ତିଆ ଗାଁର ଶ୍ୱେତ ମିଶ୍ର କୁହନ୍ତି, ଗଣିଆ ବନାଞ୍ଚଳରେ ବାର୍‌ହା ଦ୍ୱାରା ଫସଲ ନଷ୍ଟ ସାଧାରଣ ଘଟଣା। କ୍ଷୟକ୍ଷତି ନେଇ ବାରମ୍ବାର ଅଭିଯୋଗ କଲେ ବି ସହାୟତା ମିଳୁନି। ଏହାଛଡା ବାର୍‌ହା ଆକ୍ରମଣରେ ବହୁ ଲୋକ ଆହତ ହେଉଛନ୍ତି। ଏକସପ୍ତାହ ତଳେ ଛାମୁଣ୍ଡିଆର ଶଙ୍କର ବେହେରା (୧୯) ବାର୍‌ହା ପଲଙ୍କ ହାବୁଡରେ ପଡି ଆହତ ହୋଇଥିଲେ।

## ବିଞ୍ଝାରପୁରରେ ଗଜଲକ୍ଷ୍ମୀ ପୂଜା

**ବିଞ୍ଝାରପୁର,୩୧।୧୦(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ମା'ଗଜଲକ୍ଷ୍ମୀଙ୍କ ପୂଜା କରୋନା କଟକଣା ମଧ୍ୟରେ ପାଳନ କରାଯାଉଛି। ବ୍ଲକର ରସିକଛକଠାରେ ମା'ଙ୍କ୪୫ତମ ପୂଜା ଉତ୍ସବ ନିରାଡମ୍ବର ଭାବେ ପାଳନ କରାଯାଉଛି। ଶୁକ୍ରବାର ରାତିରୁ ମା'ଙ୍କ କଳସପୂଜା ହୋଇଥିଲା। ଶନିବାର ପ୍ରାତଃ କାଳରୁ ମା'ଙ୍କ ମହାସ୍ନାନ ପରେ ବିଧିମୁତାବକ ଷୋଡ଼ଶ ଉପଚାର ପୂଜା କରାଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କାରାଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ମୂଳାପାଳଠାରେ ଗଳିପୋଲ ହେଉ

**ରସୁଲପୁର, ୩୧।୧୦ (ଡି.ଏନ୍.ଏ.)**

### ଜାତୀୟ ରାଜପଥ ପାର ହେବା ବେଳେ ଘଟୁଛି ଦୁର୍ଘଟଣା

ଯାଜପୁର ଜିଲାରୁ ଭାୟା ବାଲିଚନ୍ଦ୍ରପୁର ଦେଇ କେନ୍ଦ୍ରାପଡ଼ା ଜିଲାକୁ ସଂଯୋଗୀକରଣ ରାସ୍ତା ରସୁଲପୁର ବ୍ଲକର ମୂଳାପାଳ ଛକଠାରେ ୧୬ ନଂ. ଜାତୀୟ ରାଜପଥକୁ ସଂଯୋଗ ହୋଇଛି। ଏହି ଛକଠାରୁ ବ୍ରହ୍ମବରଦା ଦେଇ କେନ୍ଦ୍ରାପଡ଼ାକୁ ଯାତାୟାତ କଲେ ଅନ୍ୟୁନ ୧୦ କି.ମି. ରାସ୍ତା କମ୍ ହେଉଥିବାରୁ ଦୈନିକ ଶତାଧିକ ଗାଡ଼ିମୋଟର ଏହି ରାସ୍ତାରେ ଚଳାଚଳ କରୁଛି। ହେଲେ ରାଜପଥକୁ ସଂଯୋଗ କରୁଥିବା ଉକ୍ତ ଛକଠାରେ ଗଳିପୋଲ ନିର୍ମାଣ ନେଇ ରାଜପଥ ନିର୍ମାଣ ନକ୍ସାରେ ସ୍ଥାନିତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଠାରେ ଏକ ଗଳିପୋଲ ନିର୍ମାଣ ହେଉ ବୋଲି ଦାବି ଜୋର ଧରିଛି। ସୂଚାନଯୋଗ୍ୟ, ଆଗରୁ ଲୋକେ କେନ୍ଦ୍ରାପଡ଼ା ଯିବାକୁ ହେଲେ ଚଣ୍ଡିଖୋଲ ଦେଇଯାଉଥିଲେ। ଏହି ରାସ୍ତା ହେବା ପରଠୁ ରସୁଲପୁର, ଧର୍ମଶାଳା, କୋରେଇ, ବ୍ୟାସନଗର, ଦାନଗଦି, ବ୍ଲକ ଅଞ୍ଚଳବାସୀ ଏହା ଉପରେ ନିର୍ଭରଶୀଳ। କିନ୍ତୁ ରାଜପଥର ମୂଳାପାଳ ଛକଠାରେ ଗଳିପୋଲ ନ ଥିବାରୁ ଆଖପାଖର ୫ ପଞ୍ଚାୟତବାସୀ ଅସୁବିଧା ଭୋଗୁଛନ୍ତି। ଅନେକ ସମୟରେ ରାଜପଥ ପାର ହେଉଥିବା ବେଳେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଥିବା ନଜିର ରହିଛି। ରାଜପଥ ସମ୍ପ୍ରସାରଣ ଚାଲିଥିବାରୁ ଆଗାମୀ ଦିନରେ ମଧ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ମୂଳାପାଳଠାରେ ଗଳିପୋଲ ପାଇଁ ଏକ ଦାବିପତ୍ର ପୂର୍ବତନ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲେ ବି ପଦକ୍ଷେପ ନିଆଯାଇ ନ ଥିଲା। ଏହିକ୍ରମରେ ସ୍ଥାନୀୟ ଲୋକେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେଇଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



" ରାଜପଥକୁ ସଂଯୋଗ କରୁଥିବା ଛୋଟଛୋଟ ରାସ୍ତାରେ ଗଳିପୋଲ ନିର୍ମାଣ ହେଉଛି। ମାତ୍ର ଏଭଳି ଏକ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଗଳିପୋଲ କରା ନ ଯିବା ଦୁର୍ଭାଗ୍ୟଜନକ। ରାଜପଥ ସର୍ଭେ କାର୍ଯ୍ୟରେ ତ୍ରୁଟି ରହିଥିବାରୁ ଏପରି ହୋଇଛି। ତେବେ ତୁରନ୍ତ ଏହି ସ୍ଥାନରେ ଗଳି ପୋଲି ଆରମ୍ଭ କରାଯିବା ଆବଶ୍ୟକ।

**- ସୁଶାନ୍ତ କୁମାର ବେହେରା, ରାଜେନ୍ଦ୍ରପୁର ସରପଞ୍ଚ**



" ଉକ୍ତ ସ୍ଥାନରେ ଗଳିପୋଲ ହେବା ଜରୁରୀ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ିମୋଟର କୁଆଖିଆ ବଜାର, ରସୁଲପୁର ବ୍ଲକ, ତହସିଲ, ଆରଡ଼ି ଅଫିସ, ଦମକଳ କେନ୍ଦ୍ର, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟକୁ ଯାଉଛି। ଗଳିପୋଲ ନ ହେଲେ ଅଞ୍ଚଳବାସୀ ବହୁ ଅସୁବିଧାଭୋଗିବେ।

**- ଚିନ୍ତାମଣି ସୁର, ପ୍ରଥମାଖଣ୍ଡି ସରପଞ୍ଚ**



" ରାଜପଥ ଉଭୟ ପାର୍ଶ୍ୱରେ ଆଖପାଖ ୪-୫ଟି ପଞ୍ଚାୟତ କୃଷକଙ୍କ ଚାଷଜମି ରହିଛି। କ୍ଷେତକୁ ଯିବା ଆସିବା ବେଳେ ଚାଷୀଙ୍କୁ ରାଜପଥ ଅତିକ୍ରମ କରିବାକୁ ପଡ଼େ। ଏହି ସ୍ଥାନରେ ଗଳିପୋଲ ନ ହେଲେ ଚାଷୀକୂଳ ବିଶେଷ କ୍ଷତି ସହିବ।

**- ମୁକୁନ୍ଦଦେବ ମହାନ୍ତି, ସମବାୟ ନେତା**



" ରାଜପଥ ସମ୍ପ୍ରସାରଣ ଆରମ୍ଭ ହେବା ଦିନଠାରୁ ମୂଳାପାଳ ଛକଠାରେ ଗଳିପୋଲ ପାଇଁ ଦାବି ହୋଇଛି। ତେବେ ଏ ଯାବତ୍ ପୋଲ ନିର୍ମାଣ ନେଇ ରାଜପଥ କର୍ତ୍ତୃପକ୍ଷଙ୍କଠାରୁ ସବୁଜସଙ୍କେତ ମିଳି ନ ଥିବାରୁ ଭୁବନେଶ୍ୱର ଏମ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

**- ଲକ୍ଷ୍ମୀଧର ପତି, ବୁଦ୍ଧିଜୀବୀ**

